ପି. ଏ. ଥୋମାସ୍ ଏବଂ ଅନ୍ୟଜଣେ

ବନାମ

ଏମ୍. ମହମ୍ମଦ ତାଜୁଦ୍ଦିନ୍ ଏବଂ ଅନ୍ୟଜଣେ

ସେପ୍ଟେମ୍ବର 19,1996

[କେ. ରାମାସ୍ୱାମୀ, ଫୈଜାନ ଉଦ୍ଦୀନ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିବୃନ୍ଦ]

*ଭଡ଼ା ନିୟନ୍ତ୍ରଣ ଏବଂ ଉଚ୍ଛେଦ:*

*ତାମିଲନାଡୁ ସହର ସୁରକ୍ଷା ଅଧିନିୟମ, 1922:*

*ଧାରା 2 (4) (2) (a)—ଭଡ଼ାଟିଆ—ମକଦ୍ଦମାରେ ପ୍ରତିବାଦୀଙ୍କୁ ଖୋଲା ଜମି ଭଡ଼ାରେ ଦିଆଯାଇଛି—ସେ ନିଜ ବ୍ୟକ୍ତିଗତ ବ୍ୟବସାୟକୁ ଏକ ଭାଗିଦାରୀ ବ୍ୟବସାୟରେ ପରିଣତ କରିଥିଲେ—ସମ୍ପତ୍ତି ଉପରେ ନିୟନ୍ତ୍ରଣ ନଥିବାରୁ—ଦର୍ଶାଯାଇଛି:ସେ ଏହି ସମ୍ପତ୍ତିକୁ ଭାଗିଦାରୀ ସଂସ୍ଥାକୁ ଭଡା ଦେଇଥିଲେ ଏବଂ ଏହାଦ୍ୱାରା ପଟ୍ଟା ସର୍ତ୍ତାବଳୀର ଉଲ୍ଲଂଘନ କଲେ —ତେଣୁ ବହିଷ୍କରଣ ପାଇଁ ଦାୟୀ—ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଶ୍ଚିତ ହୋଇଥିବା ବହିଷ୍କରଣର ଡିକ୍ରି—ହସ୍ତକ୍ଷେପକୁ ଆବଶ୍ୟକ କରୁଥିବା ଆଇନର କୌଣସି ତ୍ରୁଟି ଦ୍ୱାରା ବ୍ୟର୍ଥ ହୋଇନାହିଁ ।*

ଦେୱାନୀ ଅପିଲ ଅଧିକରିତା:ଦେୱାନୀ ଅପିଲ ସଂଖ୍ୟା 1569/1987 ।

ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ଏସ୍. ଏ. ସଂଖ୍ୟା 1706 ଏବଂ ସି. ଆର୍. ପି. ସଂଖ୍ୟା 3135/1985 ରେ ତା 9.1.87 ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ସୁଶ୍ରୀ ସେଇରା ବିଦ୍ୟାଲିଙ୍ଗେମ ।

ଉତ୍ତରଦାତାମାନଙ୍କ ପାଇଁ କେ. ଆର୍. ଚୌଧୁରୀ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶଗୁଡ଼ିକ ପ୍ରଦାନ କରାଯାଇଥିଲା:

ଏହି ନ୍ୟାୟାଳୟର ତିନିଜଣିଆ ବିଚାରପତିଙ୍କ ଏକ ବିଚାରପୀଠ, 1989 ମସିହା ମେ 26 ତାରିଖର ରାୟରେ, ଅପିଲକାରୀ-ଭଡ଼ାଟିଆଙ୍କ ଦ୍ୱାରା ଉଠାଯାଇଥିବା ସମସ୍ତ ଯୁକ୍ତିକୁ ଅଗ୍ରାହ୍ୟ କରି, ଅଧିବକ୍ତାଙ୍କ ଦ୍ୱାରା ଉଠାଯାଇଥିବା ଯୁକ୍ତିରେ ଗୁଣବତ୍ତା ପାଇଥିଲେ ଯେ, ଯଦି ପ୍ରଥମ ଅପିଲକାରୀ ଅନ୍ୟ ଦୁଇ

ଜଣ ଅଂଶୀଦାରଙ୍କୁ ନେଇ ଭାଗିଦାରୀ କାରବାରର ପରିଚାଳନା ଉପରେ ପ୍ରଭାବଶାଳୀ ନିୟନ୍ତ୍ରଣରେ ଥାଆନ୍ତି, ତେବେ ଏହା ଅର୍ଥ ହେବ ଯେ, ସେ ପରିସରକୁ ଭଡା ଦେଇନାହାଁନ୍ତି ଏବଂ ସେ ତାମିଲନାଡୁ ସହର ସୁରକ୍ଷା ଅଧିନିୟମ 1922ର ଧାରା 2 ର ଉପଧାରା (4) ର ଖଣ୍ଡ (ii) ର ଉପଖଣ୍ଡ (a) ର ଅର୍ଥ ମଧ୍ୟରେ ଜଣେ "ଭଡ଼ାଟିଆ" ହେବେ ।

ଧାରା 2 ର ଉପଧାରା (4) କୌଣସି ଜମି ସମ୍ବନ୍ଧରେ "ଭଡ଼ାଟିଆ" ଶବ୍ଦଗୁଡ଼ିକୁ ନିମ୍ନମତେ ବ୍ୟାଖ୍ୟା କରେ:ଏହାର ଖଣ୍ଡ (i) ନିମ୍ନମତେ ଅଟେ:

"(i) ଏହାର ଅର୍ଥ ହେଉଛି ଜଣେ ବ୍ୟକ୍ତି ଯିଏ ଏକ ସ୍ପଷ୍ଟ କିମ୍ବା ନିହିତ ପ୍ରଜାସ୍ୱତ୍ୱ ଚୁକ୍ତିନାମା ଅନୁଯାୟୀ ଏପରି ଜମି ସମ୍ବନ୍ଧରେ ଭଡା ଦେବାକୁ ଉତ୍ତରଦାୟୀ ।

ଉକ୍ତ ଅଧିନିୟମର ଧାରା 2ର ଉପଧାରା (4) ର ଖଣ୍ଡ (2) ର ଉପଖଣ୍ଡ(a) ନିମ୍ନମତେ ଅଟେ:

"(a) ଉପ-ଖଣ୍ଡ(i) ରେ ଉଲ୍ଲେଖ କରାଯାଇଥିବା କୌଣସି ବ୍ୟକ୍ତି, ଯିଏ ପ୍ରଜାସ୍ୱତ୍ୱ ଚୁକ୍ତିନାମା ସ୍ଥିର ହେବା ପରେ ମଧ୍ୟ ଜମି ଦଖଲରେ ରହିଛନ୍ତି ।"

ଉକ୍ତ ଖଣ୍ଡଟିର ଉପ-ଖଣ୍ଡ (b) ର ପ୍ରାସଙ୍ଗିକ ଅଂଶ ନିମ୍ନମତେ ଅଟେ:

"(b) କୌଣସି ବ୍ୟକ୍ତି ଯିଏ ଧାରା 1 ର ଉପ-ଧାରା(3) ଅନୁଯାୟୀ ଏହି ଅଧିନିୟମ ଲାଗୁ ହେଉଥିବା ଏକ ପ୍ରଜାସ୍ୱତ୍ୱ ଚୁକ୍ତିନାମା ଅନୁଯାୟୀ ଏପରି ଜମି ସମ୍ବନ୍ଧରେ ଜଣେ ପ୍ରଜାସ୍ୱତ୍ୱ ଥିଲେ ଏବଂ ଯିଏ କିମ୍ବା ତାଙ୍କ ପୂର୍ବପୁରୁଷମାନଙ୍କ ମଧ୍ୟରୁ କେହି, ଏପରି ଜମିରେ କୌଣସି କୋଠା ନିର୍ମାଣ କରିଥିଲେ ଏବଂ ଯିଏ ଏପରି ଜମି ଏବଂ କୋଠାର ପ୍ରକୃତ ଭୌତିକ ଦଖଲରେ ରହିଛନ୍ତି, ଏହା ସତ୍ତ୍ୱେ......... ।"

ଯେହେତୁ ଏହି ପ୍ରସଙ୍ଗରେ କୌଣସି ପ୍ରମାଣ ନାହିଁ, ଏହି ନ୍ୟାୟାଳୟ ଭାବିଲେ ଯେ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏକ ସିଦ୍ଧାନ୍ତ ଦେବା ଆବଶ୍ୟକ ଏବଂ ଯଦି ଆବଶ୍ୟକ ହୁଏ, ତେବେ ମାମଲାଟିକୁ ଉଚ୍ଚ ନ୍ୟାୟାଳୟରେ ଦାଖଲ କରିବା ପାଇଁ, ପ୍ରମାଣ ନଥିଭୁକ୍ତ କରିବା ପାଇଁ ,ବିଚାର କରୁଥିବା ନ୍ୟାୟାଳୟକୁ ପଠାଯାଇପାରେ । ଏହାର ଅଗ୍ରଗତିରେ, ଉଚ୍ଚ ନ୍ୟାୟାଳୟ, ଅଧିକ ନୂତନ ପ୍ରମାଣ ନଥିଭୁକ୍ତ କରିବା ପାଇଁ ଏହି ମାମଲାକୁ ବିଚାର କରୁଥିବା ନ୍ୟାୟାଳୟକୁ ପଠାଇଥିଲେ, ଯାହା ଉପସ୍ଥାପନ କରାଯାଇଥିଲା ।

ପ୍ରମାଣ ଉପରେ ବିଚାର କରିବା ପରେ, ଉଚ୍ଚ ନ୍ୟାୟାଳୟ ଉଲ୍ଲେଖ କରିଥିଲେ ଯେ, ଅର୍ଜିର ଅନୁଚ୍ଛେଦ 8ରେ କୁହାଯାଇଛି ଯେ, ପ୍ରଥମ ପ୍ରତିବାଦୀଙ୍କ ବ୍ୟବସାୟକୁ "ପି.ଏ. ଥୋମାସ୍ ଆଣ୍ଡ କୋ"

ନାମରେ ଏବଂ ଶୈଳୀରେ ଏକ ଭାଗିଦାରୀରେ ରୂପାନ୍ତରିତ କରାଯାଇଥିଲା । ଦ୍ୱିତୀୟ ପ୍ରତିବାଦୀ ବ୍ୟବସାୟର ତଦାରଖ କରୁଥିଲା ବୋଲି ଦୃଢୋକ୍ତି, ଲିଖିତ ବିବୃତିରେ ନିର୍ଦ୍ଦିଷ୍ଟ ଭାବରେ ଅସ୍ୱୀକାର କରାଯାଇ ନଥିଲା । ତେଣୁ ଏହି ତରଫେ କୌଣସି ପ୍ରସଙ୍ଗ ଉଠାଯାଇନଥିଲା । ଏକ ସହଭାଗିତା ସଂସ୍ଥାରେ ରୂପାନ୍ତରିତ ହେବା ପରେ ମଧ୍ୟ ବ୍ୟବସାୟ ଉପରେ ପ୍ରଥମ ପ୍ରତିବାଦୀଙ୍କ ପ୍ରଭାବଶାଳୀ ନିୟନ୍ତ୍ରଣ ଜାରି ରହି ନଥିଲା । ଉଚ୍ଚ ନ୍ୟାୟାଳୟ ଦର୍ଶାଇଛନ୍ତି ଯେ, ଯଦିଓ  ଅପିଲରେ ସହଭାଗୀତା ଦଲିଲ, ଏହି ନ୍ୟାୟାଳୟରେ ଦାଖଲ କରାଯାଇଥିଲା, ତାହା ବିଚାର କରୁଥିବା ନ୍ୟାୟାଳୟରେ ମଧ୍ୟ ଉପସ୍ଥାପିତ ହୋଇନଥିଲା; କିମ୍ବା ଏହା ଉଚ୍ଚ ନ୍ୟାୟାଳୟରେ ମଧ୍ୟ ଉପସ୍ଥାପିତ ହୋଇନଥିଲା । ପ୍ରଥମ ପ୍ରତିବାଦୀ ପୁନଃପ୍ରେରଣ ପରେ ନିଜକୁ ସାକ୍ଷୀ ଭାବରେ ଯାଞ୍ଚ ହେବାକୁ ଉପଯୁକ୍ତ ମନେ କରିନଥିଲେ । କେବଳ ଦ୍ୱିତୀୟ ପ୍ରତିବାଦୀ ଯିଏକି ଡି.ଡବ୍ଲ୍ୟୁ.-1 ଭାବରେ ଯାଞ୍ଚ ହୋଇଥିଲେ, ପୂର୍ବରୁ ଦିଆଯାଇଥିବା ତାଙ୍କ ପ୍ରମାଣକୁ ଦୋହରାଇଛନ୍ତି । ପ୍ରଥମ ପ୍ରତିବାଦୀ କେବଳ 1970 ମସିହା ପର୍ଯ୍ୟନ୍ତ ମକଦ୍ଦମା ସମ୍ପତ୍ତିରେ ବ୍ୟବସାୟ କରୁଥିଲେ ଏବଂ ତା 'ପରେ ସେ କେବେ ବି ଆସି ନଥିଲେ । ଅନ୍ୟ ପକ୍ଷରେ, ବ୍ୟବସାୟଟି କେବଳ ଦ୍ୱିତୀୟ ପ୍ରତିବାଦୀଙ୍କ ଦ୍ୱାରା ମକଦ୍ଦମା ସମ୍ପତ୍ତିରେ ସ୍ୱତନ୍ତ୍ର ଭାବେ ପରିଚାଳିତ ହେଉଥିଲା । ଉଚ୍ଚ ନ୍ୟାୟାଳୟ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ, ପ୍ରଥମ ପ୍ରତିବାଦୀ ମୁଣ୍ଡକ୍କାୟମରେ ବ୍ୟବସାୟ କରୁଥିଲେ, ଯେପରି ରାୟର ଅନୁଚ୍ଛେଦ 5ରେ ଦର୍ଶାଯାଇଛି । ଉଚ୍ଚ ନ୍ୟାୟାଳୟ ଏହି ସିଦ୍ଧାନ୍ତକୁ ନଥିଭୁକ୍ତ କରିଛନ୍ତି ଯେ, ପୁନଃପ୍ରେରଣ ପରେ, ଡି. ଡବ୍ଲ୍ୟୁ.-1 ସ୍ୱୀକାର କରିଛନ୍ତି ଯେ, ତାଙ୍କ ପିତା, ପ୍ରଥମ ପ୍ରତିବାଦୀ, କେରଳ ରାଜ୍ୟର ମୁଣ୍ଡକ୍କାୟମରେ ରହୁଥିଲେ ଏବଂ ସେ ତାଙ୍କ ପୁଅ ଭାବରେ କମବମରେ ଥିବା ମକଦ୍ଦମା ସମ୍ପତ୍ତିରେ ବ୍ୟବସାୟ କରୁଥିଲେ । ଡି. ଡବ୍ଲ୍ୟୁ.-2 ର ପ୍ରମାଣ ମଧ୍ୟ ସମାନ ପ୍ରଭାବ ବହନ କରେ ଏବଂ ସେ ଦାବି କରିଥିଲେ ଯେ, ସେ ହିଁ ବାଦୀମାନଙ୍କୁ ମନି ଅର୍ଡର ମାଧ୍ୟମରେ ଭଡ଼ା ପଠାଇଥିଲେ ଏବଂ ପରେ ନ୍ୟାୟାଳୟରେ ଭଡ଼ା ଜମା କରିଥିଲେ । ନଥିରେ ଥିବା ସମସ୍ତ ପ୍ରମାଣକୁ ବିଚାର କରିବା ପରେ ଏବଂ ପ୍ରଥମ ପ୍ରତିବାଦୀଙ୍କୁ ସାକ୍ଷୀ ଭାବରେ ଯାଞ୍ଚ ହେବାରେ ବିଫଳ ହେବାରେ ତାଙ୍କ ବିରୁଦ୍ଧରେ ଏକ ପ୍ରତିକୂଳ ନିଷ୍କର୍ଷ ବାହାର କରିବା ପରେ, ଯଦିଓ ତାଙ୍କୁ ସୁଯୋଗ ଦିଆଯାଇଥିଲା, ଉଚ୍ଚ ନ୍ୟାୟାଳୟ ଦ୍ୱାରା ଏକ ସିଦ୍ଧାନ୍ତ ନଥିଭୁକ୍ତ କରାଯାଇଥିଲା ଯେ, ପ୍ରଥମ ପ୍ରତିବାଦୀ ବ୍ୟବସାୟ ଉପରେ ସ୍ୱତନ୍ତ୍ର ନିୟନ୍ତ୍ରଣରେ ନଥିଲେ । ଅନ୍ୟପକ୍ଷରେ, ଦ୍ୱିତୀୟ ପ୍ରତିବାଦୀ ଏହାକୁ ଭାଗିଦାରୀ ସଂସ୍ଥାରେ ପରିଣତ କରିବା ପରେ, ଏହି ପରିସରରେ ବ୍ୟବସାୟ କରୁଥିଲେ । ଏହା ତଥ୍ୟର ସିଦ୍ଧାନ୍ତ ହୋଇଥିବାରୁ, ଆମେ ଭାବୁନାହୁଁ ଯେ, ଏଥିରେ କୌଣସି ବିଧିଗତ ପ୍ରଶ୍ନ ଜଡ଼ିତ ଅଛି ।

"ଭଡ଼ାଟିଆ" ର ସଂଜ୍ଞାକୁ ଦୃଷ୍ଟିରେ ରଖି ଏବଂ ଏହି ସତ୍ୟକୁ ଦୃଷ୍ଟିରେ ରଖି ଯେ, ପ୍ରଥମ ପ୍ରତିବାଦୀ ଯାହାକୁ ଖୋଲା ଜମି ଦିଆଯାଇଥିଲା, ବ୍ୟକ୍ତିଗତ ବ୍ୟବସାୟକୁ ଏକ ସହଭାଗୀ ବ୍ୟବସାୟରେ ପରିଣତ କରିଥିଲେ ଏବଂ ସମ୍ପତ୍ତି କିମ୍ବା ବ୍ୟବସାୟ ଉପରେ ତାଙ୍କର କୌଣସି ନିୟନ୍ତ୍ରଣ ନଥିଲା, ଏହା

କୁହାଯାଇପାରେ ଯେ, ସେ ପ୍ରଥମ ପ୍ରତିବାଦୀଙ୍କୁ, ଭାଗିଦାରୀ ସଂସ୍ଥାକୁ ପଟ୍ଟାରେ ଦିଆଯାଇଥିବା ସମ୍ପତ୍ତିକୁ ଭଡ଼ାନେଇ ଭଡ଼ା ଦେଇଥିଲେ *ଏବଂ ଏହିପରି, ପଟ୍ଟାର ସର୍ତ୍ତାବଳୀ ଉଲ୍ଲଂଘନ* କରିଥିଲେ । ତଦନୁସାରେ, ସେ ବହିଷ୍କରଣ ପାଇଁ ଦାୟୀ ହୋଇଥିଲେ । ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ମଞ୍ଜୁର ହୋଇଥିବା ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଶ୍ଚିତ ହୋଇଥିବା ବହିଷ୍କରଣର ଡିକ୍ରି, ହସ୍ତକ୍ଷେପ ଆବଶ୍ୟକ କରୁଥିବା ଆଇନର କୌଣସି ତ୍ରୁଟି ଦ୍ୱାରା ବ୍ୟର୍ଥ ହୋଇନଥିଲା ।

ତଦନୁସାରେ ଅପିଲକୁ ଖାରଜ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଅପିଲ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ :

**ଶ୍ରୀ ଦୀପକ କୁମାର ସାହୁ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**